# NATIONAL NEWS BULLETIN (ODIA)

**9 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ଯୁବା, ମହିଳା ଏବଂ କୃଷକମାନଙ୍କୁ ସଶକ୍ତ କରିବା ଲାଗି ସରକାର ସମସ୍ତ ଉଦ୍ୟମ କରୁଛନ୍ତି - କହିଲେ ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧିଠାରୁ ଡିଜିଟାଲ ବିପ୍ଲବ ପର୍ଯ୍ୟନ୍ତ ଦେଶ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିଛି

- ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆଜିଠାରୁ ଆରମ୍ଭ ହେଲା ବ୍ରିକ୍ସ କୃଷି ସମ୍ମିଳନୀ ।

- ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ସାରା ଦେଶ ।

ଏବଂ

- ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆରମ୍ଭ ହୋଇଥିବା କ୍ରିକେଟ୍‌ରେ ଶ୍ରୀଲଙ୍କା ଏ ଦଳ ସମ୍ମୁଖରେ ୨୭୮ ରନ୍‌ର ବିଜୟଲକ୍ଷ୍ୟ ରଖିଲା ଭାରତୀୟ ଏ ଦଳ ।

# ପିଏମ୍ ଗଭ୍ ଏଫର୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଗତ ୧୨ବର୍ଷ ମଧ୍ୟରେ ଦେଶର ଯୁବା, ମହିଳା ଏବଂ କୃଷକମାନଙ୍କୁ ସଶକ୍ତ କରିବା ଲାଗି ସରକାର ସମସ୍ତ ଉଦ୍ୟମ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ୧୪୦କୋଟି ଭାରତୀୟଙ୍କ ଆଶୀର୍ବାଦ ଯୋଗୁଁ ସରକାର ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣ ଲାଗି ଉଦ୍ୟମ କରି ଆସୁଛନ୍ତି । ଏବେ ବିଶ୍ୱସ୍ତରରେ ଦେଶକୁ ଏକ ନୂଆ ପରିଚୟ ମିଳିଥିବାବେଳେ ଭିତ୍ତିଭୂମି ବିକାଶଠାରୁ ଆରମ୍ଭ କରି ଡିଜିଟାଲ ବିପ୍ଳବ ପର୍ଯ୍ୟନ୍ତ ସମ୍ଭବ ହୋଇପାରିଛି । ଶ୍ରୀ ମୋଦୀ କହିଛନ୍ତି ସରକାର ସୁଶାସନ, ସେବା ଏବଂ ଉନ୍ନତି ନିମନ୍ତେ ଆଗାମୀ ଦିନରେ କାର୍ଯ୍ୟ କରିବେ ।

# ପିଏମ୍ ମୋଦୀ-ଥାର୍ଡ ଟର୍ମ

ପ୍ରଧାନମନ୍ତ୍ରୀ ଭାବେ ବିଜେପିର ବରିଷ୍ଠ ନେତା ନରେନ୍ଦ୍ରମୋଦୀ କ୍ରମାଗତ ଭାବେ ତୃତୀୟ ଥର ଲାଗି ୨୦୨୪ ମସିହା ଜୁନ୍ ମାସ ୯ ତାରିଖରେ ଶପଥ ଗ୍ରହଣ କରିଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ସରକାର ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ, ସମାଜ କଲ୍ୟାଣ, ନିଯୁକ୍ତି ସୃଷ୍ଟି ଏବଂ ବିଶ୍ୱସ୍ତରରେ ଭାରତର ସ୍ଥିତିକୁ ମଜଭୁତ କରିବା କ୍ଷେତ୍ରରେ

ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ନାଗରିକମାନଙ୍କ ଜୀବନଧାରଣର ମାନ ସହଜ କରିବା ଲାଗି ଏବଂ ବିକାଶକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ଗତ ୧ ବର୍ଷ ମଧ୍ୟରେ ଅନେକଗୁଡ଼ିଏ ଯୋଜନା ପ୍ରଣୟନ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ବର୍ଷରେ ଭାରତ ଗରିବ ଏବଂ ପଛୁଆବର୍ଗ ଲୋକମାନଙ୍କ ବିକାଶ ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ କୌଣସି ଗୋଟିଏ ଦିନ କାର୍ଯ୍ୟରୁ ବିରତ ନହୋଇ ଦେଶବାସୀଙ୍କ ନିମନ୍ତେ କାର୍ଯ୍ୟ କରି ଚାଲିଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଯୋଗୁଁ ଶାସନ ବ୍ୟବସ୍ଥାରେ ସଂସ୍କାର ଅଣାଯାଇପାରିଛି ଏବଂ ଗତ ୧୨ବର୍ଷରେ ସେବାକୁ ମୂଳମନ୍ତ୍ର ଭାବେ ପାଥେୟ କରି ସମାଜର ପ୍ରତ୍ୟେକଟି ଲୋକଙ୍କ ପାଖରେ ଯେଭଳି ଯୋଜନା ଗୁଡ଼ିକର ସୁଫଳ ପହଞ୍ଚି ପାରିବ ସେ ନେଇ ଉଦ୍ୟମ କରାଯାଇଛି । ଶ୍ରୀ ସିଂହ କହିଛନ୍ତି ଦେଶ ଏବେ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ଆଡକୁ ଅଗ୍ରସର ହେଉଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସମ୍ପନ୍ନ ୧୨ବର୍ଷର କାର୍ଯ୍ୟ ଦେଶକୁ ଏକ ସମୁନ୍ନତ ଏବଂ ବିକାଶନ୍ମୁଖୀ ପଥରେ ଅଗ୍ରସର କରାଇବାରେ ବିଭିନ୍ନ ପଦକ୍ଷେପଗୁଡ଼ିକ ସହାୟକ ହୋଇଛି ।

# ଝାଡ଼ଖଣ୍ଡ-ବିର୍ସା ମୁଣ୍ଡା

ଝାଡ଼ଖଣ୍ଡ ସମେତ ସାରା ଦେଶ ଆଜି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଏବଂ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଝାଡ଼ଖଣ୍ଡ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମନ୍ତ୍ରୀ ଓ ଗଣ୍ୟମାନ୍ୟ ବ୍ୟକ୍ତିମାନେ ରାଞ୍ଚିର କୋକର ସମାଧିସ୍ଥଳ ପରିଦର୍ଶନ କରି ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ବିର୍ସା ମୁଣ୍ଡା ଜଳ, ଜଙ୍ଗଲ ଏବଂ ଜମିର ସୁରକ୍ଷା ପାଇଁ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ମାତ୍ର ୨୫ ବର୍ଷ ବୟସରେ ସେ ନିଜ ଜୀବନ ଉତ୍ସର୍ଗ କରିଥିଲେ । ଭଗବାନ ବିର୍ସା ମୁଣ୍ଡା ଐତିହାସିକ ଉଲଗୁଲାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେ କେବଳ ବ୍ରିଟିଶ ଆଇନ୍‌କୁ ବିରୋଧ କରିନଥିଲେ ବରଂ ବ୍ରିଟିଶ ସରକାରଙ୍କ ଧର୍ମାନ୍ତରୀକରଣ ଓ ପ୍ରଶାସନିକ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଆଦିବାସୀ ସଂପ୍ରଦାୟକୁ ଏକତ୍ର କରି ସାଂସ୍କୃତିକ ଐତିହ୍ୟ ଓ ଅଧିକାରର ସୁରକ୍ଷା ପାଇଁ ପ୍ରେରଣା ଦେଇଥିଲେ । ଆଜି ତାଙ୍କ ପୁଣ୍ୟତିଥିରେ ଝାଡ଼ଖଣ୍ଡର କୋକର ସମାଧୀସ୍ଥଳ ଏବଂ ବିର୍ସା ଚୌକରେ ବହୁସଂଖ୍ୟାରେ ଜନସାଧାରଣ ଏକତ୍ରିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଧରତୀ ଆବାଙ୍କ ଜୀବନ ସାହସ, ଆତ୍ମସମ୍ମାନ ଏବଂ ନ୍ୟାୟ ପ୍ରତି ପ୍ରତିବଦ୍ଧ ଥିଲା ବୋଲି କହିଛନ୍ତି । ସେ କହିଛନ୍ତି ବିର୍ସା ମୁଣ୍ଡାଙ୍କ

ନେତୃତ୍ୱରେ ଉଲଗୁଲାନ ଆନ୍ଦୋଳନ  ଆଦିବାସୀ ସଂପ୍ରଦାୟର ଅଧିକାରର ସୁରକ୍ଷା ପାଇଁ ଏକ ବୃହତ୍ ପ୍ରତିଷ୍ଠା ଥିଲା ।

ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଜଳଜମି ଓ ଜଙ୍ଗଲ ସୁରକ୍ଷା ଦିଗରେ ବିର୍ସା ମୁଣ୍ଡା ଅଦମ୍ୟ ସାହସର ସହ ଲଢ଼େଇ କରିଥିଲେ । ଦେଶରେ ଆଦିବାସୀ ସଂପ୍ରଦାୟର ଆତ୍ମସମ୍ମାନ, ସଂସ୍କୃତି ଏବଂ ଅଧିକାରର ସୁରକ୍ଷା ଦିଗରେ ସେ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ । ଶ୍ରୀ ମୋଦୀ କହିଛନ୍ତି ବିର୍ସା ମୁଣ୍ଡାଙ୍କ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ପ୍ରତ୍ୟେକଟି ପିଢ଼ୀକୁ ଦେଶପ୍ରେମର ବାର୍ତ୍ତା ଦେବ ।

## ଶାହା-ଲ୍ୟାମ୍ପସ୍ ସିଷ୍ଟମ୍ ଲଞ୍ଚ

ନୂଆଦିଲ୍ଲୀରେ ଆଜି ଲ୍ୟାଣ୍ଡପୋର୍ଟ୍ ପରିଚାଳନା ବ୍ୟବସ୍ଥା ଏଲ୍.ପି.ଏମ୍.ଏସ୍.ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁଭାରମ୍ଭ କରିବେ । ସୀମାପାର ବାଣିଜ୍ୟ ଓ ଯାତ୍ରୀ ପରିବହନରେ ଦକ୍ଷତା, ସ୍ୱଚ୍ଛତା ଏବଂ ସୁରକ୍ଷା ବୃଦ୍ଧି କରିବା ଏହି ବ୍ୟବସ୍ଥାର ମୂଳ ଲକ୍ଷ୍ୟ । ସ୍ମାର୍ଟ୍ ସୀମା ପରିଚାଳନା ପ୍ରତି ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଏହା ପ୍ରତିଫଳନ କରିବ । ଏହି ଡିଜିଟାଲ୍ ପ୍ଲାଟ୍‌ଫର୍ମ ଲ୍ୟାଣ୍ଡ ପୋର୍ଟ୍ ଗୁଡ଼ିକରେ କାର୍ଯ୍ୟକୁ ଏକୀକୃତ ବ୍ୟବସ୍ଥା

ମାଧ୍ୟମରେ ସମନ୍ୱିତ ଭାବେ କାର୍ଯ୍ୟକ୍ଷମ କରିବା ଲାଗି ପ୍ରସ୍ତୁତ କରାଯାଇଛି । ପରିଚାଳନାଗତ ଏବଂ ନିୟାମକ ସୂଚନାର ସୁରକ୍ଷା, ସମୟୋପଯୋଗୀ ଆଦାନପ୍ରଦାନକୁ ସୁଦୃଢ଼ କରିବା ଏବଂ ଲ୍ୟାଣ୍ଡ ପୋର୍ଟ୍‌ଗୁଡ଼ିକୁ ବିମାନ ବନ୍ଦର ଓ ସାମୁଦ୍ରିକ ବନ୍ଦର ସହ ସମନ୍ୱୟ ରକ୍ଷା ମାଧ୍ୟମରେ କାର୍ଯ୍ୟ କରିବାରେ ଏହା ସହାୟକ ପ୍ରଦାନ କରିବ । ଏହି ବ୍ୟବସ୍ଥା ସରକାରୀ ସଂସ୍ଥା ତଥା ଘରୋଇ ଅପରେଟରଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ଉନ୍ନତ କରିବ । ସ୍ଲଟ୍ ବୁକିଂ, ଦେୟ ପ୍ରଦାନ ବ୍ୟବସ୍ଥା ଏବଂ ସିଙ୍ଗଲ୍ ଓ୍ୱିଣ୍ଡୋ କ୍ଲିୟରାନ୍ସ ଆଧାରରେ ସାମଗ୍ରୀ ଓ ଯାତ୍ରୀ ପରିବହନ ପାଇଁ ବ୍ୟବସ୍ଥିତ କାର୍ଯ୍ୟ ପ୍ରଣାଳୀରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## ଜୟଶଙ୍କର

କେନ୍ଦ୍ର ସରକାରଙ୍କ ବୈଦେଶିକ ନୀତି ଯୋଗୁଁ ଦେଶରେ ବ୍ୟାପକ ପରିବର୍ତ୍ତନ ଘଟିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ସାଧାରଣ ଲୋକଙ୍କୁ ସମର୍ଥନ କରିବା ଏବଂ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସରକାର ପାସ୍‌ପୋର୍ଟ ଜାରି କରିବା ଏବଂ ଦସ୍ତାବିଜ୍ ପ୍ରମାଣୀକରଣ ପ୍ରକ୍ରିୟାକୁ ସରଳ କରିଛନ୍ତି । ସେ କହିଛନ୍ତି ଅଭିଯୋଗ ଗୁଡ଼ିକର ଶୁଣାଣି ଲାଗି ଡିଜିଟାଲ ପ୍ଲାଟଫର୍ମ ଉପଯୋଗୀ

ସାବ୍ୟସ୍ତ ହୋଇଛି । ସେ କହିଛନ୍ତି ବିଶ୍ୱସ୍ତରରେ ଭାରତୀୟ ନାଗରିକ ମାନଙ୍କୁ ସହଜ ଏବଂ ସୁବିଧାରେ ବ୍ୟବସାୟ କରିବା ଲାଗି ସରକାର ସାହାଯ୍ୟ କରୁଛନ୍ତି ଏବଂ ଭାରତୀୟଙ୍କ ଆବଶ୍ୟକତା ପୂରଣ କରିବା ଲାଗି ୪୪ଟି ଭାରତୀୟ ଦୂତାବାସ ସାହାଯ୍ୟ କରୁଛି ।

## ନଡ୍ଡା- ପିଏମ୍ ମାତୃତ୍ୱ ଅଭିଯାନ

ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଆଜି ୧୦ ବର୍ଷ ପୂରଣ କରିଛି । ୨୦୧୬ ମସିହା ଜୁନ୍ ମାସ ୯ ତାରିଖରେ ଦେଶବ୍ୟାପୀ ଏହି ଅଭିଯାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଥିଲେ। ପ୍ରସୂତି ମହିଳାଙ୍କୁ ମାଗଣା ଚିକିତ୍ସା ତଥା ଗୁଣାତ୍ମକ ପ୍ରସବଜନିତ ସେବା ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି ଅବସରରେ ଆଜି ଦେଶ ବ୍ୟାପି ଦଶ ବର୍ଷର ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନା ଏକ ଉତ୍ସର୍ଗୀକୃତ ଯତ୍ନ ଶୀର୍ଷକ ସମାରୋହ ଅନୁଷ୍ଠିତ ହେବ । ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ନୂଆଦିଲ୍ଲୀଠାରେ ଏହାର ଶୁଭାରମ୍ଭ କରିବା ସହ ଏକ ୭୫ ଟଙ୍କାର ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରା ଏବଂ ୫ ଟଙ୍କାର ଡାକ ଟିକଟ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି।

# କ୍ରିକେଟ୍

ପୁରୁଷ କ୍ରିକେଟ ଦିନିକିଆ ମ୍ୟାଚ୍‌ରେ ଭାରତ ଏ ଦଳ' ଶ୍ରୀଲଙ୍କା ଏ ଦଳ ବିପକ୍ଷରେ ୨୭୮ରନ୍‌ର ବିଜୟଲକ୍ଷ୍ୟ ରଖିଛି ।

ତ୍ରିରାଷ୍ଟ୍ରୀୟ ଏ ସିରିଜ୍ ମ୍ୟାଚ୍ ଶ୍ରୀଲଙ୍କାର ରଣଗିରି ଦାମ୍ବୁଲା ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯାଉଛି । ପୂର୍ବରୁ ଭାରତ ଏ ଦଳର ଅଧିନାୟକ ତିଳକ ବର୍ମା ଟସ୍ ଜିତିବା ପରେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲେ । ଭାରତ ୫୦ ଓଭରରେ ୬ ୱିକେଟ୍ ହରାଇ ୨୭୭ ରନ୍ ସଂଗ୍ରହ କରିଛି । ଭାରତ ପକ୍ଷରୁ ରିତୁରାଜ ଗାଏକ୍ୱାଡ ଶତକୀୟ ପାଳି ଖେଳିଥିବାବେଳେ ଅଧିନାୟକ ତିଳକ ବର୍ମା ଅର୍ଦ୍ଧଶତକ ହାସଲ କରିଛନ୍ତି । ଶ୍ରୀଲଙ୍କା ପକ୍ଷରୁ ମହମ୍ମଦ ରିରାଜ୍ ୨ଟି ୱିକେଟ୍ ନେଇଛନ୍ତି ।

ସେହିସ୍ଥାନରେ ଭାରତୀୟ ଏ ଦଳ ଆଫଗାନିସ୍ତାନର ଏ ଦଳ ସହ ଆସନ୍ତା ଗୁରୁବାର ଦିନ ମ୍ୟାଚ୍ ଖେଳିବ । ସୂଚନାଯୋଗ୍ୟ ଚଳିତମାସ ୨୧ ତାରିଖରେ ତ୍ରିରାଷ୍ଟ୍ରୀୟ ଏ ସିରିଜ୍‌ର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।